# ଓଡ଼ିଶା ଉଚ୍ଚ ନ୍ୟାୟାଳୟ : କଟକ

## ଡବ୍ଲ୍ୟୁ.ପି.(ସି) ସଂଖ୍ୟା 18280/2023

*ଭାରତର ସମ୍ବିଧାନର ଧାରା 226 ଏବଂ 227 ଅନୁଯାୟୀ ଏକ ଆବେଦନ ।*

*ମେସର୍ସ ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ୍, ଅନୁଗୁଳ* : *ଆବେଦନକାରୀ*

*- ବନାମ -*

*ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ* : *ପ୍ରତିପକ୍ଷମାନେ*

ଆବେଦନକାରୀଙ୍କ ପାଇଁ : ଶ୍ରୀଯୁକ୍ତ ଡି.ପି.ନନ୍ଦ, ବରିଷ୍ଠ ଅଧିବକ୍ତା
ଶ୍ରୀଯୁକ୍ତ ଏସ୍.ମହାନ୍ତି ଏବଂ
ଶ୍ରୀଯୁକ୍ତ ଡି.ପି.ସାହୁ, ଅଧିବକ୍ତା

ପ୍ରତିପକ୍ଷମାନଙ୍କ ପାଇଁ : ଶ୍ରୀଯୁକ୍ତ ସୋନକ ମିଶ୍ର, ଏ ଏସ୍ ସି

**ରାୟ**

**ପୀଠାସୀନ:**

**ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ**

**ନ୍ୟାୟମୂର୍ତ୍ତି ଏମ୍.ଏସ୍.ସାହୁ**

---

ଶୁଣାଣି ଏବଂ ରାୟ ତାରିଖ : 12.07.2023

---

***ବିଶ୍ୱନାଥ ରଥ, ନ୍ୟାୟମୂର୍ତ୍ତି*** ମାମଲାଟିକୁ ସାନି ଗ୍ରହଣ ପାଇଁ ନିଆଯାଇଛି । ଆବେଦନକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ନନ୍ଦ ଯାହାଙ୍କୁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଡ଼ି.ପି.ସାହୁ ସହଯୋଗ କରୁଛନ୍ତି, ସଂଲଗ୍ନକ-10ରେ ଦର୍ଶାଇଥିବା ଆଇ.ଡ଼ି. ମାମଲା ସଂଖ୍ୟା 05/2019 ରେ ତା 23.03.2022 ରିଖରେ ପାରିତ ଅଧିନିର୍ଣ୍ଣୟ ତଥା ସମ୍ପୃକ୍ତ ସନ୍ଦର୍ଭ ଏବଂ ରିଟ୍ ଆବେଦନରେ ଉପଲବ୍ଧ ଆବେଦନକୁ ନ୍ୟାୟାଳୟଙ୍କ ଦୃଷ୍ଟି ଗୋଚର କରାଇ, ଅଧିନିର୍ଣ୍ଣୟଟିକୁ ଆପତ୍ତି କରଛନ୍ତି ।

2. ଶ୍ରୀଯୁକ୍ତ ନନ୍ଦ, ବିଜ୍ଞ ବରିଷ୍ଠ ଅଧିବକ୍ତା ସ୍ୱୀକାର କରିଛନ୍ତି ଯେ ବର୍ତ୍ତମାନର ଆବେଦନକାରୀ ହେଉଛନ୍ତି ସମ୍ପୃକ୍ତ ଶ୍ରମିକମାନଙ୍କର ମୁଖ୍ୟ ନିଯୁକ୍ତିଦାତା ଏବଂ ପ୍ରତିପକ୍ଷ ସଂଖ୍ୟା 5 ହେଉଛନ୍ତି ଶିଳ୍ପ ନ୍ୟାୟ ନିର୍ଣ୍ଣୟରେ ପୂର୍ବରୁ ଜଡ଼ିତ ପ୍ରତ୍ୟକ୍ଷ ନିଯୁକ୍ତିଦାତା । ରିଟ୍ ଆବେଦନରେ ଥିବା ବିଷୟ ବସ୍ତୁ ଉପରକୁ ଦୃଷ୍ଟି ଆକର୍ଷିତ କରାଇ, ଶ୍ରୀଯୁକ୍ତ ନନ୍ଦ, ବିଜ୍ଞ ବରିଷ୍ଠ ଅଧିବକ୍ତା ନିବେଦନ କରିଥିଲେ ଯେ ପ୍ରତ୍ୟକ୍ଷ ନିଯୁକ୍ତିଦାତାଙ୍କ ସହ ଚୁକ୍ତି ଶେଷ ହେବା ପରେ, ଠିକାଦାର ନିଖୋଜ ହୋଇଯାଇଛନ୍ତି । ସମ୍ପୃକ୍ତ ଅଧିନିର୍ଣ୍ଣୟର କାର୍ଯ୍ୟକାରିତା ନିମନ୍ତେ ନିଯୁକ୍ତିଦାତାଙ୍କଠାରୁ ଆଦେଶାନୁମୋଦିତ ଦେୟ ପ୍ରାପ୍ତିର ପଥ ସୁଗମ କରିବା ପାଇଁ ମୁଖ୍ୟ ନିଯୁକ୍ତିଦାତାଙ୍କ ପାଖରେ କୌଣସି ରାଶି ବଞ୍ଚି ନାହିଁ । ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀଯୁକ୍ତ ନନ୍ଦ ମଧ୍ୟ ଦାବି କରିଛନ୍ତି ଯେ ଯଦି ମୁଖ୍ୟ ନିଯୁକ୍ତିଦାତାଙ୍କର ଏଥିରେ ଜଡ଼ିତ ଶ୍ରମିକମାନଙ୍କୁ ଦେୟ ପ୍ରଦାନର ଭୂମିକା କଥା ଉଠେ, ତେବେ ମୁଖ୍ୟ ନିଯୁକ୍ତିଦାତାଙ୍କ ପାଇଁ ଏପରି ଦେୟ ଆଦାୟ କରିବାର କୌଣସି ସୁଯୋଗ ଉପଲବ୍ଧ ନାହିଁ । ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀଯୁକ୍ତ ନନ୍ଦଙ୍କର ପରବର୍ତ୍ତୀ ନିବେଦନ ହେଉଛି ଯାହା ଜଣାପଡ଼େ ଅନ୍ତିମ ଅଧିନିର୍ଣ୍ଣୟ ହେଉଛି ପ୍ରତ୍ୟେକ ଶ୍ରମିକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ଏବଂ ନିର୍ଦ୍ଦେଶ ଅନୁଯାୟୀ ହେଉଥିବା ଦେୟ, ନିଯୁକ୍ତି କାଳରେ ଏହିପରି ଶ୍ରମିକଙ୍କ ମଜୁରୀଠାରୁ ଅଧିକ ହେବା ଉଚିତ ନୁହେଁ । ଏହି ସବୁ ଉପରୋକ୍ତ କାରଣ ହେତୁ, ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ନନ୍ଦ, ସଂପୃକ୍ତ ଅଧିନିର୍ଣ୍ଣୟକୁ ଆପତ୍ତି କରିବାକୁ ଚେଷ୍ଟା କରିଥିଲେ ଏବଂ ନିବେଦନ କରିଥିଲେ ଯେ ଯେତେଦୂର ପର୍ଯ୍ୟନ୍ତ ମୁଖ୍ୟ ନିଯୁକ୍ତିଦାତା ଯିଏ ବର୍ତ୍ତମାନର ଆବେଦନକାରୀ, ଏହି ଅଧିନିର୍ଣ୍ଣୟ ସହ ଜଡ଼ିତ, ସେଥିରେ ନ୍ୟାୟାଳୟଙ୍କର ହସ୍ତକ୍ଷେପ କରାଯାଉ । ଏହା ସ୍ପଷ୍ଟ ସ୍ୱୀକାରଯୋଗ୍ୟ ଯେ ପ୍ରତ୍ୟକ୍ଷ ନିଯୁକ୍ତିଦାତା କେବଳ ଯେ ଶିଳ୍ପ ନ୍ୟାୟ ନିର୍ଣ୍ଣୟକୁ ପ୍ରତିବାଦ କରିନଥିଲେ ତାହା ନୁହେଁ, ସେ ବର୍ତ୍ତମାନ ସୁଦ୍ଧା ଏହି ଅଧିନିର୍ଣ୍ଣୟକୁ ଆପତ୍ତି ମଧ୍ୟ କରିନଥିଲେ ।

3. ଶ୍ରୀଯୁକ୍ତ ସୋନକ ମିଶ୍ର, ବିଜ୍ଞ ଅତିରିକ୍ତ ସ୍ଥାୟୀ ଅଧିବକ୍ତା ଏଠାରେ ଜଡ଼ିତ ଥିବା ଅଧିନିର୍ଣ୍ଣୟକୁ ସମର୍ଥନ କରି ବକ୍ତବ୍ୟ ରଖିଛନ୍ତି ଯେ ଆବେଦନକାରୀ ମୁଖ୍ୟ ନିଯୁକ୍ତିଦାତା ଭାବରେ ଏହି ଶିଳ୍ପ ନ୍ୟାୟ ନିର୍ଣ୍ଣୟରେ ପରିଚାଳନା ଗୋଷ୍ଠୀ ହିସାବରେ ଦ୍ୱିତୀୟ ପକ୍ଷ ଭାବେ ଅବତୀର୍ଣ୍ଣ ହୋଇଥିବାରୁ ତାଙ୍କର ଏକ

ସରଳ ଭୂମିକା ରହିଛି, ଯଥା, ମୁଖ୍ୟ ନିଯୁକ୍ତିଦାତା ଭାବରେ ଆବେଦନକାରୀଙ୍କର କାର୍ଯ୍ୟ ନିର୍ବାହ କରିବାରେ ସୀମିତ ଭୂମିକାଟି ଏହା ଯେ ଯଦି କେବଳ ପ୍ରତ୍ୟକ୍ଷ ନିଯୁକ୍ତିଦାତା ଶିଳ୍ପ ନ୍ୟାୟ ନିର୍ଣ୍ଣୟର ନିର୍ଯ୍ୟାସରୁ ଉତ୍ପନ୍ନ ତାଙ୍କର ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୁଅନ୍ତି, ସେଥିପାଇଁ ସେ ଉତ୍ତରଦାୟୀ ରହିବେ । ବିଜ୍ଞ ଅତିରିକ୍ତ ସ୍ଥାୟୀ ଅଧିବକ୍ତା, ଶ୍ରୀଯୁକ୍ତ ମିଶ୍ରଙ୍କର ପରବର୍ତ୍ତୀ ବକ୍ତବ୍ୟକୁ ଲକ୍ଷ୍ୟ କଲେ ସେ ଏପରି କହିବା ବୋଧହୁଏ ଯେ ଯଦି ଅଧିନିର୍ଣ୍ଣୟରେ ଏପରି ଧାର୍ଯ୍ୟ ହୁଏ ଯେ ପ୍ରତ୍ୟକ୍ଷ ନିଯୁକ୍ତିଦାତା ଆଇନର ବିରୁଦ୍ଧାଚାରଣ କରି କୌଣସି କର୍ମଚାରୀଙ୍କୁ ସେବାରୁ ବହିଷ୍କୃତ କରନ୍ତି ଏବଂ ତାଙ୍କୁ ଏଥିଜନିତ ପରବର୍ତ୍ତୀ ଦାୟିତ୍ୱ ନିର୍ବହନର ଆଦେଶ ଦିଆଯାଇଥାଏ, ତେବେ, ଯଦି ପ୍ରତ୍ୟକ୍ଷ ନିଯୁକ୍ତିଦାତା ସେହି ଅଧିନିର୍ଣ୍ଣୟର ଆପତ୍ତି କରନ୍ତି ନାହିଁ, ତାହା ଚୂଡ଼ାନ୍ତ ହୋଇଥାଏ ଏବଂ ଏପରିକି ମୁଖ୍ୟ ନିଯୁକ୍ତିଦାତା ମଧ୍ୟ ଏହାପରେ ଏଥିରେ ଆପତ୍ତି କରିପାରନ୍ତି ନାହିଁ । ବିଜ୍ଞ ଅତିରିକ୍ତ ସ୍ଥାୟୀ ଅଧିବକ୍ତା, ଶ୍ରୀଯୁକ୍ତ ମିଶ୍ରଙ୍କ ଅନୁଯାୟୀ ଏଠାରେ ଏକମାତ୍ର ବିକଳ୍ପ ହେଉଛି ମୁଖ୍ୟ ନିଯୁକ୍ତିଦାତାଙ୍କ ଦ୍ୱାରା ଏଥିରେ ଦାୟିତ୍ୱ ନିର୍ବାହ କରିବା । ଏହା ମଧ୍ୟ ଦାବି କରାଯାଏ ଯେ ଶିଳ୍ପ ବିବାଦ ଅଧିନିୟମ ଅନୁଯାୟୀ ପ୍ରତ୍ୟକ୍ଷ  ନିଯୁକ୍ତିଦାତାଙ୍କର ଦେୟ ପୈଠ ନକରିବା ହେତୁ ଉତ୍ପନ୍ନ ଭାର ମୁଖ୍ୟ ନିଯୁକ୍ତିଦାତାଙ୍କ ଦ୍ୱାରା ଲାଘବ କରିବା ପାଇଁ ଶିଳ୍ପ ବିବାଦ ଅଧିନିୟମରେ  ପର୍ଯ୍ୟାପ୍ତ ବ୍ୟବସ୍ଥା ଅଛି । ବିଜ୍ଞ ଅତିରିକ୍ତ ସ୍ଥାୟୀ ଅଧିବକ୍ତା ଶ୍ରୀଯୁକ୍ତ ମିଶ୍ର, ଏସବୁ କାରଣ ଦୃଷ୍ଟେ ଏଠାରେ ଜଡ଼ିତ ଥିବା ଅଧିନିର୍ଣ୍ଣୟକୁ ସମର୍ଥନ କରିଥିଲେ ଏବଂ ଗ୍ରହଣ ପର୍ଯ୍ୟାୟରେ ହିଁ ରିଟ୍ ଆବେଦନକୁ ବିଚାର କରିବାର ନିବେଦନକୁ ବିରୋଧ କରିଥିଲେ ।

4. ପକ୍ଷମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ବିବାଦକୁ ବିଚାରକୁ ନେଇ, ଏହି ନ୍ୟାୟାଳୟ ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀଯୁକ୍ତ ନନ୍ଦଙ୍କର ନିବେଦନକୁ ନଥିଭୁକ୍ତ କରିଛନ୍ତି ଯେ ଆବେଦନକାରୀ, ନିଃସନ୍ଦେହରେ ମୁଖ୍ୟ ନିଯୁକ୍ତିଦାତା ଭାବେ ଏଠାରେ ଶିଳ୍ପ ନ୍ୟାୟ ନିର୍ଣ୍ଣୟରେ 2ୟ ପକ୍ଷ ପରିଚାଳନା ଗୋଷ୍ଠୀ ଭାବରେ ଉପସ୍ଥିତ ହୋଇଛନ୍ତି । ପ୍ରସଙ୍ଗକୁ ଅନୁଧ୍ୟାନ କରି, ଏହି ନ୍ୟାୟାଳୟ ଜାଣିବାକୁ ପାଇଛନ୍ତି, ସରକାର ତାଙ୍କର ଉପଯୁକ୍ତ ପ୍ରଭୁତ୍ୱ ଜାହିର କରି 05.09.2019 ତାରିଖର ପ୍ରାସଙ୍ଗିକ ଆଦେଶ ଦ୍ୱାରା ନିମ୍ନଲିଖିତ ପ୍ରସଙ୍ଗର ଉତ୍ଥାପନ କରିଥିଲେ:



HIGH COURT ORISSA सत्यमेव जयते

"                    *ଅନୁସୂଚୀ*

*ମୁଖ୍ୟ ନିଯୁକ୍ତିଦାତା ମେସର୍ସ ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ, ଡେରାଙ୍ଗ, କଣିହାଙ୍କ ଅଧୀନରେ କାର୍ଯ୍ୟରତ ମେସର୍ସ କାଜଷ୍ଟୋରୀ ଇନଫ୍ରାଷ୍ଟ୍ରକ୍ଚର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଯାହା ଅଧୁନା ମେସର୍ସ କେଏସ୍ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍, ଡେରାଙ୍ଗ, କଣିହା, ମୁଖ୍ୟ ଦପ୍ତର-ସ୍ୱସ୍ତିକ ଚାମ୍ବର, 6ଷ୍ଠ ମହଲା, ସିୟନ ଟ୍ରମ୍ବି ରୋଡ୍, ଚେମ୍ବୁର, ମୁମ୍ବାଇ, ମହାରାଷ୍ଟ୍ର-400071 (CIN)-U4510MH2007, PTC-234297 ନାମେ ପରିଚିତ, ତାଙ୍କ ପରିଚାଳନା ଗୋଷ୍ଠୀ ଦ୍ୱାରା ଶ୍ରୀ ନବକିଶୋର ଜେନା ଏବଂ ଅନ୍ୟ 4 ଜଣଙ୍କ ନିଯୁକ୍ତିକୁ 31.07.2014 ତାରିଖରୁ ଅଗ୍ରାହ୍ୟ କରାଯିବା ଆଇନାନୁମୁଦିତ ଏବଂ/କିମ୍ବା ଉଚିତ କି ? ଯଦି ନୁହେଁ, ତେବେ ଶ୍ରୀ ଜେନା ଏବଂ ସେହି ଅନ୍ୟ 4 ଜଣ କି ପ୍ରକାର ଉପଶମ ପ୍ରାପ୍ତିର ହକଦାର ?"*

5. ପରିଚାଳନା ଗୋଷ୍ଠୀ ସଂଖ୍ୟା 2 ଭାବରେ ମୁଖ୍ୟ ନିଯୁକ୍ତିଦାତା ନିଜର ଉପସ୍ଥିତିରେ ଲିଖିତ ବିବୃତି ନିବେଦନ କରିଥିଲେ ଯେଉଁଥିରେ ସ୍ୱୀକାର କରିଥିଲେ ଯେ ଏଥିରେ ଜଡ଼ିତ ଶ୍ରମିକମାନେ ସମସ୍ତେ ଠିକାଦାରଙ୍କ ନିଯୁକ୍ତି ଅଧୀନରେ ଥିଲେ, ଯିଏ ଏଠାରେ ସମ୍ପୃକ୍ତ ପ୍ରତ୍ୟକ୍ଷ ନିଯୁକ୍ତିଦାତା । ଏହା ମଧ୍ୟ ସ୍ୱୀକାର କରାଯାଇଛି ଯେ ସେମାନେ ସମସ୍ତେ ପରିଚାଳକ ସଂଖ୍ୟା 2, ମେସର୍ସ ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର, ଲିମିଟେଡ୍, କଣିହା, ଯିଏକି ବର୍ତ୍ତମାନର ଆବେଦନକାରୀ, ତାଙ୍କ କାର୍ଯ୍ୟସ୍ଥଳୀରେ କାର୍ଯ୍ୟ କରିଛନ୍ତି, କିନ୍ତୁ ପ୍ରତ୍ୟକ୍ଷ ନିଯୁକ୍ତିଦାତାଙ୍କ ଦ୍ୱାରା ନିଯୁକ୍ତ ହୋଇଛନ୍ତି । ପରିଚାଳନା ଗୋଷ୍ଠୀଙ୍କ ଲିଖିତ ବିବୃତିରେ ପରବର୍ତ୍ତୀ ଆବେଦନ ହେଉଛି ପରିଚାଳନା ଗୋଷ୍ଠୀ-ଆବେଦନକାରୀ, ମୁଖ୍ୟ ନିଯୁକ୍ତିଦାତା, ପ୍ରତ୍ୟକ୍ଷ ନିଯୁକ୍ତିଦାତା/ଠିକାଦାରଙ୍କ ଦ୍ୱାରା କର୍ମଚାରୀଙ୍କ ନିଯୁକ୍ତି ପ୍ରତ୍ୟାଖ୍ୟାନ କରିବା ପୂର୍ବରୁ କୌଣସି ବିଜ୍ଞପ୍ତି ଦେବାକୁ, ଉତ୍ତରଦାୟୀ ନୁହଁନ୍ତି । ଏହା ମଧ୍ୟ ପୁଣି ଅନୁରୋଧ କରାଯାଇଛି ଯେ ପରିଚାଳନା ଗୋଷ୍ଠୀ ସଂଖ୍ୟା 2 ମୁଖ୍ୟ ନିଯୁକ୍ତିଦାତା ହୋଇଥିବାରୁ ବିଜ୍ଞ ଏସ୍ ଡି ଜେ ଏମ୍, ତାଳଚେରଙ୍କ ଆଦେଶ ଅନୁଯାୟୀ ମଜୁରୀ ପ୍ରଦାନ ଅଧିନିୟମର ବ୍ୟବସ୍ଥାରେ ଶ୍ରମିକମାନଙ୍କର ବକେୟା ଦେୟ ପୈଠ କରିସାରିଛନ୍ତି, ଯେହେତୁ ପ୍ରତ୍ୟକ୍ଷ ନିଯୁକ୍ତିଦାତା ଶ୍ରମିକମାନଙ୍କୁ ଏପରି ଦେୟ ଦେବାକୁ ଅଗ୍ରସର ହୋଇ ନଥିଲେ । ଏହା ସ୍ପଷ୍ଟ କରେ ଯେ ଏଠାରେ ଆବେଦନକାରୀ ବର୍ତ୍ତମାନର ପ୍ରସଙ୍ଗ ସହିତ ଜଡ଼ିତ ନହୋଇ ମଧ୍ୟ ପ୍ରତ୍ୟକ୍ଷ ନିଯୁକ୍ତିଦାତାଙ୍କ କାରଣରୁ ତୁରନ୍ତ ଦାୟିତ୍ୱ ବହନ କରିଛନ୍ତି । ବର୍ତ୍ତମାନର ଆବେଦନକାରୀଙ୍କର ଲିଖିତ

ବିବୃତି ମାଧମରେ କରାଯାଇଥିବା ଶେଷ ନିବେଦନରୁ ପ୍ରତୀତ ହୁଏ ଯେ ଯେହେତୁ ଶ୍ରମିକମାନେ ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ, ଯିଏ ପ୍ରତ୍ୟକ୍ଷ ନିଯୁକ୍ତିଦାତା, ତେଣୁ ସେମାନେ ପରିଚାଳନା ଗୋଷ୍ଠୀ ସଂଖ୍ୟା 2 ଅଧୀନରେ ସମ୍ପୂର୍ଣ୍ଣ ପୂର୍ବ ମଜୁରୀ ସହିତ ପୁନଃସ୍ଥାପନ ପାଇଁ ହକଦାର ନୁହଁନ୍ତି ।

6. ଏସବୁ ଏବଂ ବିବୃତିର ଦାବି ତଥା ଶିଳ୍ପ ନ୍ୟାୟପାଳିକାଙ୍କ ସମ୍ମୁଖରେ ରଖାଯାଇଥିବା ଅତିରିକ୍ତ ପ୍ରମାଣକୁ ଦୃଷ୍ଟିରେ ରଖି, ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକୁ ପ୍ରସ୍ତୁତ କରାଯାଇଛି:

> *"i. ମୁଖ୍ୟ ନିଯୁକ୍ତିଦାତା ମେସର୍ସ ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ, ଡେରାଙ୍ଗ, କଣିହାଙ୍କ ଅଧୀନରେ କାର୍ଯ୍ୟରତ ମେସର୍ସ କାଜଷ୍ଟୋରୀ ଇନଫ୍ରାଷ୍ଟ୍ରକ୍ଚର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଯାହା ଅଧୁନା ମେସର୍ସ କେଏସ୍ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍, ଡେରାଙ୍ଗ, କଣିହା, ମୁଖ୍ୟ ଦପ୍ତର-ସ୍ୱସ୍ତିକ ଚାମ୍ବର, 6ଷ୍ଠ ମହଲା, ସିଯନ ଟ୍ରିମ୍ବି ରୋଡ୍, ଚେମ୍ବୁର, ମୁମ୍ବାଇ, ମହାରାଷ୍ଟ୍ର-400071 (CIN)-U4510MH2007, PTC-234297 ନାମେ ପରିଚିତ, ତାଙ୍କ ପରିଚାଳନା ଗୋଷ୍ଠୀ ଦ୍ୱାରା ଶ୍ରୀ ନବକିଶୋର ଜେନା ଏବଂ ଅନ୍ୟ 4 ଜଣଙ୍କ ନିଯୁକ୍ତିକୁ 31.07.2014 ତାରିଖରୁ ଅଗ୍ରାହ୍ୟ କରାଯିବା ଆଇନାନୁମୁଦିତ ଏବଂ/କିମ୍ବା ଉଚିତ କି ?*
>
> *ii. ଯଦି ନୁହେଁ, ତେବେ ଶ୍ରୀ ଜେନା ଏବଂ ଅନ୍ୟ 4 ଜଣ କି ପ୍ରକାର ଉପଶମ ପ୍ରାପ୍ତିର ହକଦାର ?"*

7. ଏବେ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ନନ୍ଦଙ୍କ ନିବେଦନକୁ ପ୍ରତ୍ୟାବର୍ତ୍ତନ କରିବା ପରିଚାଳନା ଗୋଷ୍ଠୀ ସଂଖ୍ୟା 2 ବିରୁଦ୍ଧରେ ଅଧିନିର୍ଣ୍ଣୟର କାର୍ଯ୍ୟକାରିତା ସମ୍ପର୍କରେ ତାଙ୍କର ଯେଉଁ ଆପତ୍ତି ଯେ ଯିଏ ଏହି ରିଟ୍ ଆବେଦନରେ ଆବେଦନକାରୀ ଏବଂ ମୁଖ୍ୟ ନିଯୁକ୍ତିଦାତା, ତାଙ୍କର ଦାୟିତ୍ୱ ଚୁକ୍ତିନାମା ଆଧାରରେ ସ୍ୱୀକାର ଯୋଗ୍ୟ ଭାବେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ଶ୍ରମ ଉପାଦାନରୁ ଅଧିକ ହେବା ଉଚିତ ନୁହେଁ, ସେ ସମ୍ପର୍କରେ ଆବେଦନକାରୀଙ୍କ ଲିଖିତ ଜବାବ ନୀରବ । ଖାଲି ଯେ ଜବାବରେ ଏ ବାବଦରେ କିଛି ଉଲ୍ଲେଖ ନାହିଁ, ତା ନୁହେଁ, କୌଣସି ସାକ୍ଷ୍ୟ ପ୍ରମାଣ ମଧ ନାହିଁ । ଯେତେବେଳେ କୌଣସି ଏକ ରିଟ୍ ଆବେଦନରେ ଶିଳ୍ପ ସମ୍ବନ୍ଧୀୟ ନ୍ୟାୟ ନିର୍ଣ୍ଣୟରେ ହୋଇଥିବା ଅଧିନିର୍ଣ୍ଣୟର ସିଦ୍ଧତା ପରୀକ୍ଷା କରାଯାଏ, ସେତେବେଳେ ରିଟ୍ ନ୍ୟାୟାଳୟଙ୍କର ତାହା ବହିର୍ଭୂତ ବିଷୟକୁ ବିଚାରକୁ ନେବା ନିଷିଦ୍ଧ ଅଟେ । ତେଣୁ, ଏହି ନ୍ୟାୟାଳୟ ଶ୍ରୀଯୁକ୍ତ ନନ୍ଦଙ୍କର ଆପତ୍ତିକୁ ସିଧାସଳଖ ଅଗ୍ରାହ୍ୟ କରୁଛନ୍ତି ।



HIGH COURT ORISSA

୪.	ଅନ୍ୟାନ୍ୟ ବିଷୟ ସବୁକୁ ବିଚାରକୁ ନେଲେ ଦେଖାଯାଏ ଯେ ଅନସ୍ୱୀକାର୍ଯ୍ୟ ଭାବରେ ଆବେଦନକାରୀ ଏଠାରେ ମୁଖ୍ୟ ନିଯୁକ୍ତିଦାତା ଏବଂ ତାଙ୍କ ଉପରେ ଶ୍ରମିକଙ୍କ ସପକ୍ଷରେ ବିଧିସମ୍ମତ ଦେୟ ପ୍ରଦାନ କରିବାର ସ୍ପଷ୍ଟ ଦାୟିତ୍ୱ ରହିଛି ଯାହା ପ୍ରତ୍ୟକ୍ଷ  ନିଯୁକ୍ତିଦାତାଙ୍କ ଦ୍ୱାରା ନିର୍ବାହ  କରାଯାଇନାହିଁ । ନିର୍ବିବାଦିତ ଭାବରେ, ପ୍ରତ୍ୟକ୍ଷ  ନିଯୁକ୍ତିଦାତା, ଶିଳ୍ପ ନ୍ୟାୟ ନିର୍ଣ୍ଣୟ ପ୍ରକ୍ରିୟା ଚାଲୁଥିବା ସମୟରେ ପଳାୟନ କରିଛନ୍ତି ଏବଂ ସେଥିପାଇଁ ତାଙ୍କ ଅନୁପସ୍ଥିତିରେ ମାମଲତିକୁ ଏକ ତରଫା ଭାବରେ ବିଚାର କରିବାକୁ ସ୍ଥିର କରାଯାଇଥିଲା । ଯେହେତୁ ପ୍ରତ୍ୟକ୍ଷ  ନିଯୁକ୍ତିଦାତା ଏହିପରି କାର୍ଯ୍ୟାନୁଷ୍ଠାନରେ ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ, ମୁଖ୍ୟ ନିଯୁକ୍ତିଦାତାଙ୍କର ଭୂମିକା ଏହିପରି କାର୍ଯ୍ୟାନୁଷ୍ଠାନରେ ଅତ୍ୟନ୍ତ ସୀମିତ ।

୭.	ଏସବୁ ପରିସ୍ଥିତି ଦୃଷ୍ଟିରୁ, ଏହି ନ୍ୟାୟାଳୟଙ୍କର ମତ ହେଉଛି ଯେ ପ୍ରତ୍ୟକ୍ଷ ନିଯୁକ୍ତିଦାତାଙ୍କର ଏତାଦୃଶ ଆଚରଣ ହେତୁ, ଯାଚନାକର୍ତ୍ତା ଆପତ୍ତି ହୋଇଥିବା ଅଧିନିର୍ଣ୍ଣୟରୁ ନିସୃତ ନିର୍ଣ୍ଣୟ ଯୋଗୁ, ତାଙ୍କର ବୈଧାନିକ କର୍ତ୍ତବ୍ୟ ସମ୍ପାଦନ କରିବା କଥା । ଅଧିକନ୍ତୁ, ଏହି ନ୍ୟାୟାଳୟ  ଜାଣିବାକୁ ପାଇଛନ୍ତି ଯେ ଏହି ପର୍ଯ୍ୟାୟରେ ମଧ୍ୟ ପ୍ରତ୍ୟକ୍ଷ  ନିଯୁକ୍ତିଦାତାଙ୍କ ଦ୍ୱାରା ଏପରି ଅଧିନିର୍ଣ୍ଣୟର କୌଣସି ଆପତ୍ତି କରାଯାଇ ନାହିଁ, ଯେଉଁଥିପାଇଁ ସାମ୍ବିଧାନିକ ଭୂମିକା  କିମ୍ବା ବୈଧାନିକ ଦାୟିତ୍ୱକୁ ବିଚାରକୁ ନେଇ ଏଥିରେ ହୋଇଥିବା ନିର୍ଣ୍ଣୟକୁ ପାଳନ କରାଯିବା ବ୍ୟତୀତ ମୁଖ୍ୟ ନିଯୁକ୍ତିଦାତାଙ୍କ ପାଖରେ ଅନ୍ୟ କୌଣସି ସୁଯୋଗ ନାହିଁ । ନିଯୁକ୍ତିଦାତାଙ୍କ ଅସହଯୋଗ ଯୋଗୁଁ ଅଧିନିର୍ଣ୍ଣୟଟି ଅସୁଲ ଯୋଗ୍ୟ ବା ନୁହେଁ ବୋଲି ପ୍ରଶ୍ନର ସମାଧାନ ପକ୍ଷେ କୌଣସି ପକ୍ଷଙ୍କୁ ପରାମର୍ଶ ଦେବା ପାଇଁ ଏହି ନ୍ୟାୟାଳୟଙ୍କର  କୌଣସି ଭୂମିକା ନାହିଁ । କ୍ଷତି ସହିଥିବା ପକ୍ଷକୁ ସମ୍ପୃକ୍ତ ପରିମାଣର ଆଦାୟ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଉପଯୁକ୍ତ ବିଚାରପୀଠ ଦ୍ୱାରା ଏହାର ବିଚାର କରିବା ପାଇଁ ରୋକାଯାଇପାରିବ ନାହିଁ । ତେବେ ଏହି ନ୍ୟାୟାଳୟ ଏହା ସ୍ପଷ୍ଟ କରିନ୍ତି ଯେ ଶିଳ୍ପ ବିବାଦ ଅଧିନିୟମରେ ଏପରି ପରିସ୍ଥିତିର ମୁକାବିଲା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଅଛି । ଏଭଳି ପରିସ୍ଥିତିରେ, ପରବର୍ତ୍ତୀ ପ୍ରତିକାର ପାଇଁ ପକ୍ଷଙ୍କୁ ତାଙ୍କ ଦ୍ୱାରା ନିଯୁକ୍ତ ଅଧିବକ୍ତା ଉପଯୁକ୍ତ ପରାମର୍ଶ ଦେବାରେ କୌଣସି ପ୍ରତିବନ୍ଧକ ନାହିଁ । ଏହି ପରିସ୍ଥିତିରେ ଏବଂ ଶିଳ୍ପ ନ୍ୟାୟ ନିର୍ଣ୍ଣୟରେ ମୁଖ୍ୟ ନିଯୁକ୍ତିଦାତାଙ୍କ ସୀମିତ ଭୂମିକା ତଥା ଏକ ଅଧିନିର୍ଣ୍ଣୟରେ ହୋଇଥିବା ନିର୍ଣ୍ଣୟ ହେତୁ ପ୍ରତ୍ୟକ୍ଷ

HIGH COURT ORISSA

ନିଯୁକ୍ତିଦାତାଙ୍କ ଦାୟିତ୍ୱ ନିର୍ବାହ କରିବାକୁ ବାଧ ହୋଇଥିବା କଥାକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ ଏହି ମତ ପୋଷଣ କରନ୍ତି ଯେ 23.03.2022 ତାରିଖର ଆଇ.ଡ଼ି. ମାମଲା ସଂଖ୍ୟା 05/2019ର ଅଧିନିର୍ଣ୍ଣୟରେ ଶିଳ୍ପ ସମ୍ବନ୍ଧୀୟ ଆପତ୍ତିକାରୀଙ୍କ ପକ୍ଷେ ହୋଇଥିବା ନିର୍ଦ୍ଦେଶ ଯେକୌଣସି ମତେ ପାଳନ କରାଯିବ ଏବଂ ଶ୍ରମିକମାନେ କୌଣସି କଷ୍ଟ ଭୋଗ କରିବେ ନାହିଁ । ଶିଳ୍ପ ନ୍ୟାୟପାଳିକା ଏହା ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ 1ମ ପକ୍ଷ, ପ୍ରତ୍ୟକ୍ଷ ନିଯୁକ୍ତିଦାତାଙ୍କ ବିଫଳତା କାରଣରୁ ମୁଖ୍ୟ ନିଯୁକ୍ତିଦାତା ଶ୍ରମିକମାନଙ୍କ ପ୍ରତି ନିଜର ଦାୟିତ୍ୱ ନିର୍ବାହରେ ବିଫଳ ହେଲେ, ଏହି ରାଶି ଆଦାୟ ହେବା ପର୍ଯ୍ୟନ୍ତ ବାର୍ଷିକ 10% ସୁଧ ହାରରେ ଆଦାୟ କରାଯିବ । ଏହି ନ୍ୟାୟାଳୟ ଅବଲୋକନ କରନ୍ତି ଯେ ଏହି ଅଧିନିର୍ଣ୍ଣୟ 2022 ରେ ପାରିତ ହୋଇଥିଲା । ଏକ ବର୍ଷ ପରେ ମଧ ମୁଖ୍ୟ ନିଯୁକ୍ତିଦାତାଙ୍କ ଦାୟିତ୍ୱର କୌଣସି ପ୍ରକାରର ନିର୍ବହନ କରାଯାଇ ନାହିଁ । ତଥାପି, ମୁଖ୍ୟ ନିଯୁକ୍ତିଦାତା ଏହି ନ୍ୟାୟାଳୟରେ ରିଟ୍ ଆବେଦନ ମାଧ୍ୟମରେ ଏହି ପ୍ରତିକାରକୁ ଅନୁସରଣ କରୁଥିବା ଦୃଷ୍ଟେ, ରିଟ୍ ଆବେଦନକୁ ଖାରଜ କରିବା ସମୟରେ, ଏହି ନ୍ୟାୟାଳୟଙ୍କର ଏହା ମନ୍ତବ୍ୟ ଯେ ଯଦି ସଂଲଗ୍ନକ-10 ଆଇ.ଡ଼ି. ମାମଲା ସଂଖ୍ୟା 05/2019 ରେ ଶିଳ୍ପ ନ୍ୟାୟପାଳିକାଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା କ୍ଷତିପୂରଣ ଏକ ମାସ ଅବଧି ମଧରେ ସୁଧ ସହିତ ପ୍ରଦାନ କରାଯାଇ ନାହିଁ, ତେବେ ଶ୍ରମିକମାନେ ଏହି ଅଦାଲତ ଦ୍ୱାରା ମଞ୍ଜୁର ହୋଇଥିବା ଏକ ମାସ ପରେ ବାର୍ଷିକ 15% ସୁଧ ପାଇବାକୁ ହକଦାର ହେବେ ।

10. ଫଳସ୍ୱରୂପ, ରିଟ୍ ଆବେଦନ ଖାରଜ ହୋଇଛି । ତେବେ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

*(ଏମ୍.ଏସ୍.ସାହୁ)*
*ନ୍ୟାୟମୂର୍ତ୍ତି*

*(ବିଶ୍ୱନାଥ ରଥ)*
*ନ୍ୟାୟମୂର୍ତ୍ତି*

ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ,
12 ଜୁଲାଇ, 2023/ଏସ୍ କେ ଏସ୍

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

ଶ୍ରୀ ଦୀପକ କୁମାର ସାହୁ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ

HIGH COURT ORISSA सत्यमेव जयते